## ସାହିତ୍ୟ ଏକାଡେମୀ 'କବିସନ୍ଧି'ରେ ପ୍ରତିଭା ଶତପଥୀଙ୍କ କବିତା ପାଠ

# ମୋର କବିତା ଶବ୍ଦରେ ପ୍ରକାଶିତ ଲୁହର ବୁନ୍ଦା



ଭୁବନେଶ୍ୱର,୨୨।୫(ବ୍ୟୁରୋ): ମୋର କବିତା ନିଜସ୍ୱ ଅନୁଭୂତି, ଆନନ୍ଦ-ବିଷାଦ ତଥା ସମାଜର ବିକୃତ ବାସ୍ତବତାକୁ ପ୍ରତିଫଳିତ କରେ। ମୋର କବିତାଗୁଡ଼ିକ ଶବ୍ଦରେ ପ୍ରକାଶିତ ଲୁହର ବୁନ୍ଦା ପରି ମନେହୁଏ। ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀରେ କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର 'କବିସନ୍ଧି' କାର୍ଯ୍ୟକ୍ରମରେ ଅତିଥି କବି ଭାବେ ଯୋଗ ଦେଇ ଏଭଳି ଭାବଭରା ବକ୍ତବ୍ୟ ରଖିଛନ୍ତି ବିଶିଷ୍ଟ ଓଡ଼ିଆ କବି ପ୍ରତିଭା ଶତପଥୀ। ସେ ତାଙ୍କର କେତେକ କବିତା ମୂଳ ଓଡ଼ିଆରେ ପାଠ କରିବା ସହିତ କେତେକ କବିତାର ହିନ୍ଦୀ ଏବଂ ଇଂରାଜୀ ଅନୁବାଦ ଶୁଣାଇଥିଲେ। ଇଂରାଜୀରେ ଅନୁଦିତ କବିତାର ଶିରୋନାମା ଥିଲା 'ଜଷ୍ଟ୍ ଲାଇକ୍ ଆର୍ଥ' ଏବଂ 'ନୋ ୱାର୍ଡ୍ସ ଇନ୍ ପର୍ଟିକୁଲାର୍'। ଲୀଲାଧର ମାଣ୍ଡଲୋଇ, ରାଜେନ୍ଦ୍ର ପ୍ରସାଦ ମିଶ୍ର ଓ ପାରମିତା ଶତପଥୀ ତାଙ୍କ କବିତାର ହିନ୍ଦୀ ଅନୁବାଦ ଏବଂ ଯଶୋଧାରା ମିଶ୍ର ଓ ବି. ଭୂମା ଇଂରାଜୀ ଅନୁବାଦ ପାଠ କରିଥିଲେ। ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଶ୍ରୀମତୀ ଶତପଥୀଙ୍କୁ ଅଙ୍ଗବସ୍ତ୍ର ଏବଂ ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସୁରେଶ ଋତୁପର୍ଣ୍ଣ, ଦିବିକ୍ ରମେଶ, ଗିରିଶ୍ୱର ମିଶ୍ର, ଲକ୍ଷ୍ମୀ କନ୍ନନ ଓ ସୁମନ୍ୟୁ ଶତପଥୀ ପ୍ରମୁଖ ସୁପରିଚିତ ହିନ୍ଦୀ ଓ ଓଡ଼ିଆ ଲେଖକ ଉପସ୍ଥିତ ଥିଲେ। ଧନ୍ୟବାଦ ଦେଇଥିଲେ ଏକାଡେମୀର ଉପ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ।